NITIDIN
ନିତିଦିନ
BHUBANESWAR - 14 Jan 2025 - Page 4

## କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ

# 'ଯୁବ ଲେଖକଙ୍କ ଭିତରେ ରହିଛି ପ୍ରଚୁର ସୃଜନଶୀଳତା'




**ଭୁବନେଶ୍ୱର,୧୩।୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରିଥିଲେ ସାହିତ୍ୟ ଏକାଡେମୀର ଉପସଭାପତି ପ୍ରଫେସର କୁମୁଦ ଶର୍ମା। ସ୍ୱାଗତ ଭାଷଣରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଯୁବ ଲେଖକମାନଙ୍କ ସୃଜନଶୀଳତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହିତ ସେ କାର୍ଯ୍ୟକ୍ରମରେ ଯୋଗ ଦେଇପାରି ନଥିବା ସଂସ୍କୃତ ଭାଷାର ପୁରସ୍କାର ପ୍ରାପକ ମୁନି ପାର୍ଶ୍ୱସୁନ୍ଦର ବିଜୟଙ୍କ ଭାଷଣ ପାଠ କରିଥିଲେ। ସଭାପତିତ୍ୱ ଅଭିଭାଷଣରେ ପ୍ରଫେସର୍ ଶର୍ମା କହିଥିଲେ ଯେ ଯୁବ ଲେଖକମାନଙ୍କ ମଧ୍ୟରେ ପ୍ରଚୁର ସୃଜନଶୀଳତା ରହିଛି। ସେମାନେ ନିଜ ନିଜ ଅନୁଭୂତି ଏବଂ ଅନୁଭବକୁ ଖୁବ୍ ସୁନ୍ଦର ଭାବରେ ସାହିତ୍ୟ ମାଧ୍ୟମରେ ପରିପ୍ରକାଶ କରୁଛନ୍ତି। ସାମାଜିକ ସମସ୍ୟାରୁ ପ୍ରେରିତ ହୋଇ ମଧ୍ୟ ସେମାନେ ସାହିତ୍ୟ ସୃଷ୍ଟି କରୁଛନ୍ତି। ଉପସ୍ଥିତ ଥିବା ୨୨ଟି ଭାଷାର ଯୁବ ଲେଖକ ଲେଖିକା ନିଜ ନିଜର ସାରସ୍ୱତ ଅନୁଭୂତି ପ୍ରକାଶ କରିଥିଲେ। ନୟନଜ୍ୟୋତି ଶର୍ମା (ଅସମିଆ) କହିଥିଲେ ଯେ ଦିନେ ଅନୁକରଣରୁ ଆରମ୍ଭ ହୋଇଥିବା ସାହିତ୍ୟ ରଚନା ଏବେ ତାଙ୍କର ନିଶା ପାଲଟିଯାଇଛି। ଆସାମରେ ରହୁଥିବା ସୁତପା ଚକ୍ରବର୍ତ୍ତୀ (ବଙ୍ଗଳା) ବଙ୍ଗଳା କବିତା ପୁସ୍ତକ ପାଇଁ ଯୁବ ପୁରସ୍କାର ଲାଭ କରିଥିବାରୁ କୃତଜ୍ଞତା ପ୍ରକାଶ କରିଥିଲେ। ସେହିପରି ସଞ୍ଜୟ କୁମାର ପଣ୍ଡା (ଓଡ଼ିଆ) ପୁରସ୍କାର ପାଇଁ କୃତଜ୍ଞତା ପ୍ରକାଶ କରିବା ସହ ତାଙ୍କ ସାହିତ୍ୟ ଯାତ୍ରାରେ ତାଙ୍କ ଗ୍ରାମ ଇରମର ପ୍ରଭାବକୁ ରେଖାଙ୍କିତ କରିଥିଲେ। ଶେଷରେ ସାହିତ୍ୟ ଏକାଡେମୀର ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଧନ୍ୟବାଦ ଦେଇଥିଲେ।